

# ଶ୍ରୀଜଗନ୍ନାଥ ପରମାତ୍ମାଙ୍କ ପ୍ରତୀକ

ଡକ୍ଟର ଦୁର୍ଗା ପ୍ରସନ୍ନ ଚୌଧୁରୀ

ଶ୍ରୀଜଗନ୍ନାଥ ଲୀଳାମୟ, ରହସ୍ୟମୟ, ଗୂଢ଼ତତ୍ତ୍ୱମୟ । ସେ ଲୀଳାମୟ, କାରଣ ତାଙ୍କର ଲୀଳା ଅବର୍ଣ୍ଣନୀୟ । ସେ କେତେବେଳେ ସ୍ୱାଭିମାନୀ ତ କେତେବେଳେ ଉତ୍ସବ ମୁଖର । ସେ ରହସ୍ୟମୟ କାରଣ ତାଙ୍କର ମାୟା ସର୍ବବିରାଜମାନ । ତାଙ୍କୁ ନିରିଖିବା, ବୁଝିବା ଓ ଜାଣିବା ଅତ୍ୟନ୍ତ ଗୋପନ ତଥା ଗୂଢ଼ତମ ଅଟେ । ସେ ସର୍ବବ୍ୟାପି । ତାଙ୍କର ମହିମା ଏ ସଚରାଚର ପୃଥିବୀରେ ସର୍ବବ୍ୟାପି । ସେ ଗୂଢ଼ତମମୟ କାରଣ ତାଙ୍କୁ ବୁଝିବାକୁ ଯାଇ ନିଜ ଅନ୍ତର ମଧ୍ୟରେ ଅଧିକ ଜଟିଳତା ସୃଷ୍ଟି କରିବା । ସେ ଏତେ ଶୀଘ୍ର ଧରା ଦିଅନ୍ତି ନାହିଁ । ତାଙ୍କୁ ମନ, ତନ, ଚେତନା, ଭାବନା ଓ ଚିନ୍ତାର ଊର୍ଦ୍ଧ୍ୱରେ ସ୍ଥାପନା କଲେ, ସେ ଦେଖାଦେଇପାରନ୍ତି । ତାଙ୍କୁ ଅନ୍ତରରେ ଧ୍ୟାନ କଲେ ଆସନ୍ତି, ବସନ୍ତି, ପୁଣି ଅପସରି ଯାଆନ୍ତି । ଋଷିମୁନିମାନେ ବର୍ଷ ବର୍ଷ ଧରି ତପସ୍ୟା କରି ମଧ୍ୟ ତାଙ୍କୁ ପାଇପାରିନାହାନ୍ତି । ଯାହା କିଛି ଉପଲବ୍ଧି କରନ୍ତି, ତାହା ସମୁଦ୍ରକୁ ଶଙ୍ଖେ । ଏଣୁ ତାଙ୍କୁ ଧ୍ୟାନ ମନରେ ଓ ହୃଦୟର କନ୍ଦରରେ ଉପସ୍ଥାପନା କଲେ ସେ ଶୁଣିପାରନ୍ତି । ସେ ମନୁଆ ଠାକୁର, ତାଙ୍କର ଇଚ୍ଛାରେ ସେ ନିଜେ ପ୍ରକଟ ହୁଅନ୍ତି । କିନ୍ତୁ ଯେତେବେଳେ ସେ ଅମୃତାୟନ ହୁଅନ୍ତି, ସବୁକିଛି ଛାଡ଼ି ଭକ୍ତର ଦରଦଭରା ବକ୍ଷରେ ଅମୃତର ଜଳ ସିଂଚନ କରନ୍ତି । ଏ କ୍ଷୁଦ୍ର ଲେଖକ ତାଙ୍କର ଲୀଳାଖେଳା ବର୍ଣ୍ଣିତ କରିବାକୁ ଅକ୍ଷମ । ତଥାପି ତା'ର ଅନୁଭୂତି ପ୍ରକାଶ କରିବାକୁ ଟିକେମାତ୍ର ଚେଷ୍ଟା କରୁଛି ।

ସଂପ୍ରତି ସଂପ୍ରୀତି ଅନୁଷ୍ଠାନର ଆନୁକୂଲ୍ୟରେ ଏକ ସାହିତ୍ୟ ଆସର ଯୋଗ ଦେବାର ସୁଯୋଗ ପାଇଥିଲି । ଏହା ମଧ୍ୟ ଶ୍ରୀଜଗନ୍ନାଥଙ୍କର ଜନୈକ ଭକ୍ତଙ୍କର ପଂଚମ କାବ୍ୟ ସଂକଳନ ''ହୃଦୟରେ ଟିକେ ଥାପନ୍ତି' ପୁସ୍ତକ ଉନ୍ମୋଚନ ଅବସରରେ କଟକରେ ଅନୁଷ୍ଠିତ ହୋଇଥିଲା । ସେ କବିତା ସଂକଳନର ମୁଖ୍ୟ ନାୟକ ଶ୍ରୀଜଗନ୍ନାଥ ଥିଲେ । ତାଙ୍କ ନିକଟରେ ଶ୍ରୀମତୀ ବୀଣାପାଣି ସିଂ ନିଜର ସୁଲଳିତ ଅର୍ଘ୍ୟ ଅର୍ପଣ କରିଥିଲେ । ସେ ବିଭିନ୍ନ ପ୍ରକାରର ଶ୍ରୀଜଗନ୍ନାଥଙ୍କର ମହିମା ଗାନ କରିଥିଲେ । ମୁଁ ଲକ୍ଷ୍ୟ କଲି ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ ହେଲା । ଲେଖକ ତଥା କବି ବର୍ଣ୍ଣନା କଲେ ଯେ ସେହି ଶ୍ରୀଜଗନ୍ନାଥଙ୍କ ଫଟୋଟି ଜଣେ ବନ୍ଧୁଙ୍କ ଘରୁ ଆଣିଥିଲେ, ତାଙ୍କର ବାନ୍ଧବୀ ସେହି ଫଟୋକୁ ଏକ ଆଲମାରୀରେ ସାଇତି ରଖିଥିଲେ, କିନ୍ତୁ ଆଲମାରୀର ଚାବିଟି ହଜିଯାଇଥିଲା । କବିଙ୍କ ଅନୁରୋଧକ୍ରମେ ତାଙ୍କର ବାନ୍ଧବୀ ଉତ୍ତର ଦେଲେ ଯେ ଯଦି ଚାବି ମିଳେ ତେବେ ଫଟୋ ମିଳିବ । ଖୋଜାଖୋଜି କରି ପାଇଲିନାହିଁ । ଲେଖିକା ମହୋଦୟ ନିରାଶ ହୋଇ ଶ୍ରୀଜଗନ୍ନାଥଙ୍କୁ ଧ୍ୟାନ କଲେ ଓ ମନର ଦୁଃଖ ପରିପ୍ରକାଶ କଲେ । ହଠାତ୍ ତାଙ୍କର ବାନ୍ଧବୀ ଚାବିର ସନ୍ଧାନ ସଭାର ଦୁଇ ତିନି ଦିନ ପୂର୍ବରୁ ପାଇଥିଲେ ଯଦିଓ ସେହି ଚାବି ଦେଢ଼ ବର୍ଷ ଧରି ଖୋଜୁଥିଲେ । ଏହି ସମ୍ବାଦ ପାଇ ଲେଖିକା ଅତ୍ୟନ୍ତ ଖୁସି ପ୍ରକଟ କଲେ ଓ ପ୍ରଭୁଙ୍କ ପାଦ ପଦ୍ମରେ ନିଜର କୃତଜ୍ଞତା ଜଣାଇଲେ । ଏହିସବୁ ସେହି ଲୀଳାମୟ ଶ୍ରୀଜଗନ୍ନାଥଙ୍କର ମହିମା ନୁହେଁ ତ ଆଉ କ'ଣ ? କାରଣ ଯେଉଁ ଚାବିଟି ଦେଢ଼ ବର୍ଷ ଧରି ମିଳୁନଥିଲା, କିନ୍ତୁ ମିଳିବାର ଅର୍ଥ ସେ ଭକ୍ତର ଭାବନାର ସମ୍ମାନ ଦେଇ ନିଜର ଫଟୋ ପରିପ୍ରକାଶ କରି ଭକ୍ତର ମନର ବ୍ୟଥା ପୂରଣ କଲେ ।

ଆଉ ଏକ ଅନୁଭୂତି ଏହି ଲେଖକ ବର୍ଣ୍ଣନା କରୁଛି । କିଛି ବର୍ଷ ତଳେ ପୁରୀ ଶ୍ରୀମନ୍ଦିରର ମ୍ୟାନେଜିଂ କମିଟିର ସଭ୍ୟଭାବେ କାର୍ଯ୍ୟରତ ଥିଲି । ସେତେବେଳେ ବହୁ ଅଦ୍ଭୁତ ଏବଂ ଅଲୌକିକ ଘଟଣା ଘଟିଛି । ମନେଅଛି, ମ୍ୟାନେଜିଂ କମିଟିର ସଭାରେ ଏକ ସିଦ୍ଧାନ୍ତ ନେବା ପାଇଁ ଅନେକ କଷ୍ଟକର ହୁଏ । କାରଣ ଛତିଶ ନିଯୋଗୀର ସିଦ୍ଧାନ୍ତ ବିରୁଦ୍ଧରେ ହେଉ ଅବା ନୀତି ଶୃଙ୍ଖଳା

କରିବା ପାଇଁ ହେଉ, ଆମେ ସେଥିପାଇଁ ମହାପ୍ରଭୁଙ୍କ ନିକଟରେ ନିବେଦନ କରୁ । ଦେଖାଯାଏ ପ୍ରକୃତରେ ସିଦ୍ଧାନ୍ତ ନେବାରେ ଆଶୁ ପ୍ରଦାନ କରିଥାଏ ଏବଂ ଏହା ମଧ୍ୟ ନିଯୋଗୀ ମହାସଭା ଗ୍ରହଣ କରିଥାନ୍ତି ଯେ ମହାପ୍ରଭୁଙ୍କ କାର୍ଯ୍ୟରେ ପ୍ରତିବନ୍ଧକ ସାଜେ ତା'ର ପ୍ରକୃତ ବାଟ ପ୍ରଭୁ ଫିଟାଇଦିଅନ୍ତି । ମ୍ୟାନେଜିଙ୍ଗ କମିଟିରେ ମଧ୍ୟ ମନ୍ଦିରର ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ନିକଟରେ ଥିବା ଜବରଦଖଲ ହଟାଇବା ପାଇଁ ବାରମ୍ବାର ସିଦ୍ଧାନ୍ତ ନିଆଯାଇଛି କିନ୍ତୁ ତାହା କାର୍ଯ୍ୟକାରୀ କରିବା କଷ୍ଟକର ହେଉଥିଲା । ଏବେ କିନ୍ତୁ ନିଜେ ମହାପ୍ରଭୁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଜରିଆରେ ଉଚ୍ଛେଦ କରିବା ପାଇଁ ଇଚ୍ଛା ପ୍ରକଟ କଲେ । ମାନ୍ୟବର ବିଚାରପତି ମହାପ୍ରଭୁଙ୍କ ବିଷୟବସ୍ତୁ ପ୍ରତି ସମ୍ମାନ ଜଣାଇ ସରଜମିନ ପରିଦର୍ଶନ କରି ବହୁତ ମହତ୍ୱପୂର୍ଣ୍ଣ ଭାବବିହ୍ୱଳ ଆଦେଶ ପ୍ରଦାନ କରିଥିଲେ । ଏହାଦ୍ୱାରା ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଏହାସବୁ ସେହି ଶ୍ରୀଜଗନ୍ନାଥଙ୍କ ଅବର୍ଣ୍ଣନୀୟ ଲୀଳା । ଧନ୍ୟ ସେହି ଶ୍ରୀଜଗନ୍ନାଥ ।

ସେ ନଟଖଟ ଶ୍ରୀଜଗନ୍ନାଥଙ୍କ ମହିମା କହିଲେ କେବେ ସରେନି । ସେ ଦୁଃଖ ଦେଲେ ବି ସହିବ ଓ ସୁଖ ଦେଲେ ବି ସହିବ କାରଣ ସେ ସବୁ ଉତ୍ସର ମୂଳ । ସେ ଭକ୍ତଙ୍କୁ ଅତି ନିକଟରେ ରଖି ବିଭିନ୍ନ ପରୀକ୍ଷା କରିଥାନ୍ତି । ମୋର ଅନୁଭୂତିରୁ ଆଉ ଏକ ଦୃଷ୍ଟାନ୍ତ ଦେବା ପାଇଁ ଇଚ୍ଛା ପ୍ରକଟ କରୁଛି । ନିଜ ସନ୍ତାନର ବିଭାଘର ପାଇଁ ବହୁ ପ୍ରସ୍ତାବ ଆସେ ଓ ଅପସରି ଯାଏ । କାରଣ ଜାତକ ପଡେ ନାହିଁ ଅବା ଅନ୍ୟଥା ପ୍ରସ୍ତାବ ପସନ୍ଦ ହୁଏ ନାହିଁ । ସମସ୍ତ ଗୁହାରୀ ଶ୍ରୀଜଗନ୍ନାଥଙ୍କ ଦରବାରରେ ଦାଖଲ କରେ । ଯେତେ ଦୁଃଖ ହେଲେ ସମସ୍ତ ଦୁଃଖ ତାଙ୍କୁ ଜଣାଇ ଦିଏ । ଏକଦା ଏକ ଭଦ୍ର ଲୋକଙ୍କ କନ୍ୟାର ପ୍ରସ୍ତାବ ଶୃଙ୍ଖଳିତ ହେଲା ନାହିଁ । ତା'ପରେ ଅନେକ ପ୍ରସ୍ତାବ ଆସିଲା, କାର୍ଯ୍ୟକାରୀ ହୋଇପାରିଲା ନାହିଁ । ମୁଁ ଭାବିନେଲି ଏହାସବୁ ସେହି ଶ୍ରୀଜଗନ୍ନାଥଙ୍କ ଲୀଳା । ମୁଁ ଜଣେ ଭକ୍ତ ବହୁ ଦୁଃଶ୍ଚିନ୍ତାରେ ଦିନ କାଟୁଥାଏ । ହଠାତ ଦିନେ ମହାପ୍ରଭୁଙ୍କ ଦର୍ଶନରେ ଗଲି ଓ ରାତ୍ରି ଯାପନ କଲି, ତା'ପର ଦିନ ମଙ୍ଗଳ ଆରତୀ ଦର୍ଶନ କଲି, ସେଦିନ ଠାକୁରଙ୍କ ନିକଟରେ ବହୁ ବିନୀତ ଅନୁରୋଧ କଲି ଓ ପ୍ରାର୍ଥନା କଲି । ଚକ୍ଷୁର ଲୋତକଭରା ନୟନରେ ତାଙ୍କୁ ଆହ୍ୱାନ କଲି ଓ ଦର୍ଶନ ସାରି ନିଜ ବାସସ୍ଥାନକୁ ଫେରିଆସିଲି । ସେହିଦିନ ୧୨ଟା ବେଳେ ମୋର ବନ୍ଧୁ (କନ୍ୟାର ପିତା) ଫୋନ୍ ଯୋଗେ ଜଣାଇଲେ, ଯେଉଁ ପ୍ରସ୍ତାବ ପ୍ରଥମେ ଆସିଥିଲା, ସେଥିରେ ଆଗେଇବା ପାଇଁ । ଇତିମଧ୍ୟରେ ଏକ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲା । ଏହାସବୁ ସେହି ମହାପ୍ରଭୁଙ୍କ ଆଶୀର୍ବାଦ ଛଡା ଆଉ କିଛି ନୁହେଁ । ଏହା ଭାବି ତତ୍‌କ୍ଷଣାତ୍ ସେହି ପ୍ରସ୍ତାବରେ ଆଗେଇଗଲି । ସେହି ଭାବଗ୍ରାହୀ ଅଲୌକିକ ମାୟାଧାରୀ ଓ ତାଙ୍କ ନିର୍ଦ୍ଦେଶରେ ସଚରାଚର ପୃଥିବୀ ଆତଯାତ । ସେ ମୁକ୍ତା, ସୁନା, ପବନ, ଆହାର, ଜଳ ସର୍ବତ୍ର ବିରାଜମାନ ଭାବେ ମନେ ହୁଏ ।

ଏ ଭକ୍ତ ମହାପ୍ରଭୁଙ୍କୁ ସମସ୍ତ ଗୁହାରି କରେ କାରଣ ତାଙ୍କ ଛଡା କେହି ନାହିଁ ଯାହା ପାଖରେ ଅଳି କରାଯାଇପାରିବ । ବହୁବର୍ଷ ତଳେ ମୁଁ ପୁରୀ କୋର୍ଟରେ କାର୍ଯ୍ୟରତ ଥିଲି, ସେତେବେଳେ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ସୁଯୋଗ ପାଇଥିଲି । ଏହା ମଧ୍ୟ ସେହି ମହାପ୍ରଭୁଙ୍କ ଲୀଳା । ଏକଦା ନିଜର କର୍ମଜନିତ ଅଭିଯୋଗ ତାଙ୍କ ପାଖରେ ବାଢ଼ି ଥିଲି । ଏହା ତାଙ୍କ ରାତ୍ରିର ଶେଷ ପ୍ରହର ଥିଲା । ସେ ଶୟନ ସମୟରେ ଯଦି କେହି ଗୁହାରି କରେ ତାହା ସେ ଶୁଣନ୍ତି ବୋଲି ବିଶ୍ୱାସ । ମୁଁ ଜଣେ ଭକ୍ତ ହୋଇ ଏହି ବିଶ୍ୱାସରେ ବନ୍ଧା ହୋଇଥିଲି । ତା'ପରେ ବର୍ଷ ବର୍ଷ ଧରି ବିତିଗଲା । ବହୁ କଷ୍ଟ ସ୍ୱୀକାର କରିବାକୁ ପଡିଥିଲା । ତଥାପି ମହାପ୍ରଭୁଙ୍କ ଉପରେ ବିଶ୍ୱାସ ହରାଇ ନଥିଲି । ବହୁବର୍ଷ ପରେ ତାଙ୍କର କରୁଣାର ସାଗର ପ୍ରବାହିତ ହେଲା ବୋଲି ଅନୁଭୂତ ହେଲା । ସେ ଯାହା ହେଉ ସେ ଅନ୍ତର୍ଯ୍ୟାମୀ, ଇଚ୍ଛାମୟ । ସେ ଇଚ୍ଛା କଲେ କୌଣସି ପଦାର୍ଥ ବାନ୍ଧି ହୋଇ ରହିପାରିବ ନାହିଁ । ଏଣୁ ତାଙ୍କ ନିକଟରେ ନିଜର ଅନୁଭୂତି ପ୍ରତ୍ୟେକ ଲୋମର କଣେ କଣେ ବହନ କରୁଛି । ଶ୍ରୀଜଗନ୍ନାଥଙ୍କୁ ନିଜ ଆତ୍ମାରେ ରଖି ପାରିଲେ ସେ ଦୁଃଖ ଶୁଣନ୍ତି । ନିଜର ଆତ୍ମାକୁ ପରମାତ୍ମା ସହିତ ଗ୍ରହଣ କରାଇ ପାରିଲେ ପରମାତ୍ମା ନିଜ ଭକ୍ତର ଦୁଃଖ ବୁଝନ୍ତି । ସମ୍ପୂର୍ଣ୍ଣ ସମର୍ପଣର ଆବଶ୍ୟକତା ରହିଛି । ସେଥିରେ ଶ୍ରୀଜଗନ୍ନାଥ ସମସ୍ତ ଆତ୍ମାର ପ୍ରତୀକ ରୂପେ ଭାବିନେବା ଉଚିତ୍ । ହେ ମହାପ୍ରଭୁ, ଆପଣଙ୍କର ପାଦ କମଳରେ ଏହି ଅର୍ଘ୍ୟ ଅର୍ପଣ କରି ନିବେଦନ କରେ କି ସମସ୍ତ ଆତ୍ମାଙ୍କୁ ଶାନ୍ତି ଦିଅନ୍ତୁ ।

ନିର୍ଦ୍ଦେଶକ,
ଓଡ଼ିଶା ଜୁଡିସିୟାଲ୍ ଏକାଡେମୀ,କଟକ